କେନ୍ଦ୍ରୀୟ ଉତ୍ପାଦ ସଂଗ୍ରହକାରୀ, ବରୋଦା

ବନାମ

ମେସର୍ସ ଦ ଗେକ୍ୱାର୍ ମିଲ୍ସ୍ ଲିମିଟେଡ୍ ।

ଅକ୍ଟୋବର 11,1996

[ଏସ୍.ପି. ଭରୁଚା ଏବଂ ସୁହାସ ସି.ସେନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ଦଫା 19 ଏବଂ 22–33% ପଲିଷ୍ଟର, 32% ଭିସ୍କୋଜ୍ ଏବଂ 35% ସୂତା ଯୁକ୍ତ କପଡ଼ା ଦଫା 19 କିମ୍ବା ଦଫା 22 ର ଅନ୍ତର୍ଭୁକ୍ତ କି ନୁହେଁ—ବାସ୍ତବତା ଏହା ଯେ, ଏହି କପଡ଼ା ବଜାରରେ ସୂତା ଭାବରେ ଜଣାଶୁଣା ନୁହେଁ ବରଂ କୃତ୍ରିମ କପଡ଼ା ଭାବରେ ଜଣାଶୁଣା ଅଟେ, ଯାହା ରାଜସ୍ୱ ବିଭାଗ ଦ୍ୱାରା ବିବାଦୀୟ ନୁହେଁ—ଦର୍ଶାଯାଇଛି—କପଡ଼ା ମାନବ ନିର୍ମିତ କପଡ଼ା ଭାବରେ ବର୍ଗୀକୃତ କରାଯାଇପାରିବ; ସୂତା ପ୍ରତିଶତ କିମ୍ବା ଓଜନ ଅନୁଯାୟୀ ପ୍ରମୁଖ କପଡ଼ା ଭାବରେ ଦର୍ଶାଯାଇନଥିଲା ।*

**ଉତ୍ତରଦାତା ବିଭିନ୍ନ ପ୍ରକାରର କପଡ଼ା ତିଆରି କରିଥିଲେ ଯେଉଁଥିରେ 33 ପ୍ରତିଶତ ପଲିଷ୍ଟର, 32 ପ୍ରତିଶତ ଭିସ୍କୋଜ୍ ଏବଂ 35 ପ୍ରତିଶତ ସୂତା ଥିଲା । ରାଜସ୍ୱର ମାମଲା ଥିଲା ଯେ, ଉତ୍ପାଦଟି କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅନୁସୂଚୀର ଦଫା 22 ଅଧୀନରେ ବର୍ଗୀକୃତ ସୂତା କପଡ଼ା ଥିଲା । ତେବେ, ସି ଇ ଜି ଏ ଟି ର ମତ ଥିଲା ଯେ, ଏହା ମାନବ ନିର୍ମିତ କପଡ଼ା ଏବଂ ଏହା ଶୁଳ୍କ ଅନୁସୂଚୀର ସ୍ୱତନ୍ତ୍ର ବସ୍ତୁ ସଂଖ୍ୟା 19 ଅଧୀନରେ ଆସୁଛି । ରାଜସ୍ୱ ବିଭାଗ ଏହି ନ୍ୟାୟାଳୟରେ ଅପିଲ କରିଥିଲା।"**

**ଅପିଲକୁ ଖାରଜ କରି, ଏହି ନ୍ୟାୟାଳୟ**

**ଦର୍ଶାଇଛନ୍ତି : 1.1. ଏହି କପଡ଼ା ବଜାରରେ ସୂତା କପଡ଼ା ଭାବରେ ନୁହେଁ ବରଂ ମାନବ ନିର୍ମିତ କପଡ଼ା ଭାବରେ ପରିଚିତ ଥିଲା ଯାହା ରାଜସ୍ୱ ବିଭାଗ ଦ୍ୱାରା ବିବାଦୀୟ ନଥିଲା । ଉତ୍ପାଦ ପ୍ରବେଶକୁ ସେହି ଅର୍ଥରେ ବୁଝାଯିବା ଉଚିତ ଯେଉଁ ଅର୍ଥରେ ଏହାକୁ ବଜାରରେ ବୁଝାଯାଏ, ଯେପର୍ଯ୍ୟନ୍ତ ଏହାର ବିପରୀତ ଏକ ସ୍ୱତନ୍ତ୍ର ସଂଜ୍ଞା ନଥାଏ । ଏପରି କୌଣସି ସଂଜ୍ଞା କିମ୍ବା ନିୟମ ନାହିଁ ଯାହା ଧାର୍ଯ୍ୟ କରିଛି ଯେ, ଯଦି ଏକ କପଡ଼ା କେବଳ 35 ପ୍ରତିଶତ ସୂତାରେ ଗଠିତ ହୋଇଥାଏ, ତେବେ ଏହାକୁ ସୂତା କପଡ଼ା ଭାବରେ ବିବେଚନା କରିବାକୁ ପଡ଼ିବ ।**

*କେନ୍ଦ୍ରୀୟ ଉତ୍ପାଦ ସଂଗ୍ରାହକାରୀ ବନାମ ରାଜସ୍ଥାନ ଏସ୍ ପି ଜି ଏବଂ ଡବ୍ଲ୍ୟୁ ଭି ଜି ମିଲ୍ସ ଲିମିଟେଡ୍,* [1993] Supp. 1 SCC 420, ଉଲ୍ଲେଖ କରାଯାଇଛି ।

**1.2. ଶତକଡ଼ା ହିସାବରେ କିମ୍ବା ଓଜନ ହିସାବରେ, ସୂତା ବାସ୍ତବରେ ପ୍ରାଧାନ୍ୟ ବିସ୍ତାର କରୁଥିବା ତନ୍ତୁ ବୋଲି ଜଣାପଡ଼ିନାହିଁ । ଏପରି କୌଣସି ଆଇନ ନାହିଁ ଯେ, ଏପରି ପରିସ୍ଥିତିରେ, ସୂତାକୁ ପ୍ରମୁଖ ତନ୍ତୁ ଭାବରେ ବିବେଚନା କରାଯିବ ଏବଂ କପଡ଼ାକୁ ସୂତା କପଡ଼ା ଭାବରେ ବିବେଚନା କରାଯିବ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1601/1985 ।

ଏ. ସଂଖ୍ୟା. ଇ.ଡି. (ଏସ୍ ବି) ସଂଖ୍ୟା 842/1983-D ରେ ଆଦେଶ 602/83-D ରେ ସୀମା ଶୁଳ୍କ, ଉତ୍ପାଦ ଏବଂ ସୁନା (ନିୟନ୍ତ୍ରଣ) ନୂଆଦିଲ୍ଲୀର 17.9.83 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏନ୍.କେ. ବାଜପେୟୀ ଏବଂ ସି.ଭି.ଏସ୍. ରାଓ ।

ଉତ୍ତରଦାତାଙ୍କ ପାଇଁ ସୁଶ୍ରୀ ଅମୃତା ମିତ୍ର ।

**ସେନ୍, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା । ଏହା ସୀମା ଶୁଳ୍କ, ଉତ୍ପାଦ ଏବଂ ସୁନା (ନିୟନ୍ତ୍ରଣ) ଅପିଲ୍ ନ୍ୟାୟାଧିକରଣ (ସି ଇ ଜି ଏ ଟି)ଙ୍କ ଦ୍ୱାରା ପାରିତ କରାଯାଇଥିବା ଏକ ଆଦେଶ ବିରୁଦ୍ଧରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରହକାରୀଙ୍କ ଦ୍ୱାରା ଏକ ଅପିଲ ଅଟେ । ଏହି ମାମଲାରେ ବିବାଦ ହେଉଛି, ଗେକୱାର ମିଲ୍ସ ଲିମିଟେଡ୍, ଏଠାରେ ଉତ୍ତରଦାତା ଭାବରେ ପରିଚିତ, ଙ୍କ ଦ୍ୱାରା ନିର୍ମିତ ଏକ ନିର୍ଦ୍ଦିଷ୍ଟ କିସମର କପଡ଼ାର ବର୍ଗୀକରଣ, ଯାହା କିସମ ସଂଖ୍ୟା 89225 ଭାବରେ ଜଣାଶୁଣା ଅଟେ । 33% ପଲିଷ୍ଟର, 32% ଭିସ୍କୋଜ୍ ଏବଂ 35% ସୂତା ଥିବା ଏହି କପଡ଼ାର ଗଠନକୁ ନେଇ କୌଣସି ବିବାଦ ନାହିଁ । ପଲିଷ୍ଟର ଏକ ଅଣ-ତନ୍ତୁଜାତୀୟ ଜୈବିକ ପଦାର୍ଥ ମାନବ ନିର୍ମିତ ତନ୍ତୁ, ଯେତେବେଳେ କି  ଭିସ୍କୋଜ୍ ହେଉଛି ଏକ ତନ୍ତୁଜାତୀୟ ଜୈବିକ ପଦାର୍ଥ ମାନବ ନିର୍ମିତ ତନ୍ତୁ । କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକାରୀଙ୍କ ମାମଲା ହେଉଛି ଯେ, କପଡ଼ା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅନୁସୂଚୀର ଦଫା 19 ଅଧୀନରେ ଆସେ, ଯେତେବେଳେ ସିଇଜିଏଟି ମତ ରଖିଛି ଯେ, ଏହା ଶୁଳ୍କ ଅନୁସୂଚୀର ଦଫା ସଂଖ୍ୟା 22 ଅଧୀନରେ ଆସେ ।

ଉପରୋକ୍ତ ଶୁଳ୍କ ସାମଗ୍ରୀରୁ ପ୍ରାସଙ୍ଗିକ ଉଦ୍ଧୃତାଂଶ ନିମ୍ନରେ ଦିଆଯାଇଛିଃ

*"ଦଫା ସଂଖ୍ୟା 19 । ସୂତା କପଡ଼ା ।*

"ସୂତା କପଡ଼ା" ଅର୍ଥ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ସୂତାରୁ ନିର୍ମିତ ସମସ୍ତ ପ୍ରକାରର କପଡ଼ା ଏବଂ ଏଥିରେ ଧୋତି, ଶାଢି, ଚାଦର, ବେଡସିଟ୍, ଶଯ୍ୟା ଆସ୍ତରଣ, ଟେବୁଲ୍ ଆଚ୍ଛାଦନବସ୍ତ୍ର, କପଡ଼ାରେ ଏମ୍ବ୍ରୋଡେରୀ, ପଟ୍ଟୀ କିମ୍ବା ଆକୃତି ଏବଂ ତନ୍ତୁଜାତୀୟ ଜୈବିକ ପଦାର୍ଥ ଉତ୍ପନ୍ନ କିମ୍ବା ଅନ୍ୟାନ୍ୟ କୃତ୍ରିମ ପ୍ଲାଷ୍ଟିକ୍ ସାମଗ୍ରୀର ପ୍ରସ୍ତୁତି ସହିତ ସଂଗୃହିତ, ଆଚ୍ଛାଦିତ କିମ୍ବା ଆବୃତ କପଡ଼ା ଅନ୍ତର୍ଭୁକ୍ତ, ଯଦି (i) ଏପରି କପଡ଼ାରେ ସୂତାର ଓଜନ ଅଧିକ ହୋଇଥାଏ, କିମ୍ବା (ii) ଏପରି କପଡ଼ାରେ ସୂତା ଓଜନରେ 40 ପ୍ରତିଶତରୁ ଅଧିକ ଏବଂ ଅଣ-ତନ୍ତୁଜାତୀୟ ଜୈବିକ ପଦାର୍ଥ କପଡ଼ା କିମ୍ବା ସୂତା କିମ୍ବା ଉଭୟ ଥାଏ:

....................................... ..................................... ...............................................

ବ୍ୟାଖ୍ୟା-II : ଯେଉଁଠାରେ ନିମ୍ନଲିଖିତ ଦୁଇ କିମ୍ବା ଅଧିକ ତନ୍ତୁ, ଅର୍ଥାତ୍,

(କ) ତନ୍ତୁଜାତୀୟ ଜୈବିକ ପଦାର୍ଥ ଉତ୍ପତ୍ତିର ମାନବ-ନିର୍ମିତ ତନ୍ତୁ

(ଖ) ସୂତା

(ଗ) ପଶମ

(ଘ) ରେଶମ (ରେଶମ ନୋଇଲ ସମେତ)

(ଙ) ଝୋଟ (ବିମିଲିପଟ୍ଟନମ ଝୋଟ କିମ୍ବା ମେଷ୍ଟା କପଡ଼ା ସମେତ)

(ଚ) ଅଣ- ତନ୍ତୁଜାତୀୟ ଜୈବିକ ପଦାର୍ଥ ଉତ୍ପତ୍ତିର ମନୁଷ୍ୟ-ନିର୍ମିତ ତନ୍ତୁ

(ଛ) ଛଣପଟ

(ଜ) ରାମି

ଯେକୌଣସି କପଡ଼ାରେ ସମାନ ଓଜନର ହୋଇଥାଏ, ତେବେ ସେହି ତନ୍ତୁ ଯାହାର ସେହି କପଡ଼ାରେ ପ୍ରାଧାନ୍ୟ ଥାଏ, ତାହା ତାଲିକା ସଂଖ୍ୟା 19,20,21,22,22A ଏବଂ 22 AA ର ଅନ୍ତର୍ଭୁକ୍ତ ହୁଏ ଏବଂ କେନ୍ଦ୍ରୀୟ ଶୁଳ୍କ ନିୟମ 1944 ଅନ୍ତର୍ଗତ ଅଧୁନା ପ୍ରବଳ ଥିବା ପ୍ରାସଙ୍ଗିକ ବିଜ୍ଞପ୍ତିକୁ ଏକତ୍ର ପାଠ କଲେ ବୁଝାଯାଏ ଯେ, ଏଥିପାଇଁ ସର୍ବାଧିକ ଶୁଳ୍କ ଦେବାକୁ ପଡ଼ିବ କାରଣ ସେହି ତନ୍ତୁକୁ ସେହି କପଡ଼ାରେ ପ୍ରାଧାନ୍ୟ ପୂର୍ଣ୍ଣ ବିବେଚନା କରାଯିବ ଏବଂ ସେହି ଅନୁଯାୟୀ ଏହିପରି କପଡ଼ା ପଯୁଜ୍ୟ ତାଲିକା ଅଧୀନରେ ରଖାଯିବ ।

*ଦଫା ସଂଖ୍ୟା 22 । ମାନବ ନିର୍ମିତ କପଡ଼ା ।*

"ମାନବ-ନିର୍ମିତ କପଡ଼ା" ଅର୍ଥାତ୍ ସମସ୍ତ ପ୍ରକାର କପଡ଼ା ଯାହାକି ସମ୍ପୂର୍ଣ୍ଣ ରୂପେ କିମ୍ବା ଆଂଶିକ ରୂପେ କୃତ୍ରିମ କପଡ଼ା କିମ୍ବା ସୂତା ଦ୍ୱାରା ନିର୍ମିତ ହୋଇଥାଏ ଏବଂ ଯେଉଁଥିରେ କୌଣସି ଅଂଶ କିମ୍ବା ଖଣ୍ଡରେ, ପଟ୍ଟୀଥିବା ସୂଚୀକାମ କିମ୍ବା ଆଳଙ୍କାରିକ କାର୍ଯ୍ୟ ତଥା ବିନିର୍ମିତ ବସ୍ତ୍ର ଯେଉଁଥିରେ ଜୈବିକ ଉତ୍ପାଦିତ ପଦାର୍ଥ କିମ୍ବା ଅନ୍ୟ କୃତ୍ରିମ ପ୍ଲାଷ୍ଟିକ ପଦାର୍ଥର ମିଶ୍ରଣରେ ପ୍ରସ୍ତୁତି, ଆଚ୍ଛାଦନ କିମ୍ବା ଆସ୍ତରଣ ଅନ୍ତର୍ଭୁକ୍ତ, ଏବଂ ଯେଉଁ ପ୍ରତ୍ୟେକ ଟିରେ କୃତ୍ରିମ (i) ତନ୍ତୁଜାତୀୟ ଜୈବିକ କପଡ଼ା କିମ୍ବା ତନ୍ତୁ, କିମ୍ବା (ii) ଅଣ-ତନ୍ତୁଜାତୀୟ ଜୈବିକ କପଡ଼ା କିମ୍ବା ସୂତା, ଓଜନ ହିସାବରେ ଅଧିକ ହୋଇଥାଏ:

ପରନ୍ତୁ ଯଦି ଖଣ୍ଡରେ, ପଟ୍ଟୀ କିମ୍ବା ଆକୃତି ଏବଂ ତନ୍ତୁଜାତୀୟ ଉତ୍ପନ୍ନ କିମ୍ବା ଅନ୍ୟ କୃତ୍ରିମ ପ୍ଲାଷ୍ଟିକ ପଦାର୍ଥରେ ପ୍ରସ୍ତୁତ ସାମଗ୍ରୀରେ ନିହିତ, ଆଚ୍ଛାଦିତ କିମ୍ବା ଆସ୍ତରିତ ହୋଇଥିବା କପଡ଼ା ଉପରେ ସୂଚୀକର୍ମ କରାଯାଏ, ତେବେ ଏହି ପ୍ରାଧାନ୍ୟ, ତନ୍ତୁଜାତୀୟ ଜୈବିକ ଉଦ୍ଭୂତ କିମ୍ବା ଅନ୍ୟ କୃତ୍ରିମ ପ୍ଲାଷ୍ଟିକ ପଦାର୍ଥରେ ପ୍ରସ୍ତୁତ କପଡ଼ା

ଉପରେ ନିର୍ଭର କରେ, ଯାହା ଆବଶ୍ୟକ ଅନୁଯାୟୀ, ସୂଚୀକର୍ମ ନିହିତ, ଆଚ୍ଛାଦିତ କିମ୍ବା ଆସ୍ତରିତ ହୋଇଥାଏ ।

........................................ ........................................ ....................................

ବ୍ୟାଖ୍ୟା II: ଏହି ସାମଗ୍ରୀରେ ଦଫା ସଂଖ୍ୟା 19 କିମ୍ବା ଦଫା ସଂଖ୍ୟା 21 ଅଧୀନରେ ଆସୁଥିବା କାଚ କପଡ଼ା କିମ୍ବା କପଡ଼ା ଅନ୍ତର୍ଭୁକ୍ତ ନୁହେଁ ।

ବ୍ୟାଖ୍ୟା III : ଦଫା ସଂଖ୍ୟା 19ର ବ୍ୟାଖ୍ୟା II, ଯେତେଦୂର ସମ୍ଭବ, ଏହି ଦଫା ସମ୍ବନ୍ଧରେ ଲାଗୁ ହେବ ଯେପରିକି ଏହା ସେହି ଦଫା ସମ୍ବନ୍ଧରେ ପ୍ରଯୁଜ୍ୟ  । "

ଏହି ଶୁଳ୍କ ପ୍ରବେଶଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱଷ୍ଟ ଏବଂ ସେଗୁଡ଼ିକର ଅର୍ଥ ବିଷୟରେ କୌଣସି ଅସ୍ୱଷ୍ଟତା ନାହିଁ । ଉତ୍ତରଦାତାଙ୍କ ଉତ୍ପାଦିତ ନିର୍ମିତ କପଡ଼ାକୁ "ସୂତା କପଡ଼ା"ର ଅନ୍ତର୍ଭୁକ୍ତ କରିବା ପାଇଁ କଲେକ୍ଟରଙ୍କୁ ଏହା ସ୍ଥିର କରିବାକୁ ହେବ ଯେ, ଏହି କପଡ଼ାରେ, କପଡ଼ାର ଓଜନରେ ଅଧିକ ପରିମାଣରେ ସୂତା ରହିଛି କିମ୍ବା ଏହି କପଡ଼ାର ଓଜନରେ 40 ପ୍ରତିଶତରୁ ଅଧିକ ସୂତା ଏବଂ 50 ପ୍ରତିଶତରୁ ଅଧିକ ଓଜନରେ ଅଣ-ଜୈବିକ ତନ୍ତୁ କିମ୍ବା ସୂତା କିମ୍ବା ଉଭୟ ରହିଛି । ଏହି ମାମଲାରେ ଦୁଇଟି ସର୍ତ୍ତ ମଧ୍ୟରୁ କୌଣସିଟି ପୂରଣ ହୋଇନାହିଁ । କଲେକ୍ଟରଙ୍କ ଏହା ଯୁକ୍ତି ନୁହେଁ ଯେ, ଯଦିଓ କେବଳ 35 ପ୍ରତିଶତ କପଡ଼ା, ସୂତାରୁ ତିଆରି ହୋଇଥାଏ, ଏପରି ସୂତା ପଲିଷ୍ଟର କିମ୍ବା ଭିସ୍କୋସ୍ ତନ୍ତୁର ମିଳିତ ଓଜନଠାରୁ ଅଧିକ ହୋଇଥାଏ, ଯାହା କପଡ଼ାର 65 ପ୍ରତିଶତ ହୋଇଥାଏ । "ଓଜନ ହିସାବରେ ଅଧିକ ", ଏହି ପରିପ୍ରେକ୍ଷୀରେ, ଅନ୍ୟ ଦୁଇ ପ୍ରକାରର ତନ୍ତୁର ମିଳିତ ଓଜନଠାରୁ ଅଧିକ ଓଜନକୁ ବୁଝାଇବା ଆବଶ୍ୟକ । ଦ୍ୱିତୀୟ ପ୍ରକାରର ମାମଲା ହୋଇପାରେ ଯେଉଁଠାରେ କୌଣସି କପଡ଼ାରେ 40 ପ୍ରତିଶତରୁ ଅଧିକ ଓଜନର  ସୂତା ଏବଂ 50 ପ୍ରତିଶତ କିମ୍ବା ଅଧିକ ଓଜନର ଅଣ-ତନ୍ତୁଜାତୀୟ ଜୈବିକ ପଦାର୍ଥ (ଏହି କ୍ଷେତ୍ରରେ ପଲିଷ୍ଟର) କିମ୍ବା ସୂତା କିମ୍ବା ଉଭୟ ଥାଇପାରେ । ଏପରି କ୍ଷେତ୍ରରେ, ଯଦିଓ ସୂତାର ଓଜନ ଅଧିକ ନଥାଏ, ତଥାପି ସୂତାକୁ, ସୂତା କପଡ଼ା ଭାବରେ ବିବେଚନା କରାଯିବ । ଏହା ଏକ ଆଇନଗତ କାଳ୍ପନିକ କଥା ଯାହା ଏହି ମାମଲାରେ ଲାଗୁ ହୁଏ ନାହିଁ କାରଣ ଏହି କପଡ଼ାରେ କେବଳ 35 ପ୍ରତିଶତ ସୂତା ଏବଂ 33 ପ୍ରତିଶତ ପଲିଷ୍ଟର (ଅଣ- ତନ୍ତୁଜାତୀୟ ଜୈବିକ ପଦାର୍ଥ) ରହିଛି । ଏହା ବିଭାଗର ଯୁକ୍ତି ନୁହେଁ ଯେ, ସୂତାର ଓଜନ, କପଡ଼ାର 40 ପ୍ରତିଶତରୁ ଅଧିକ ଏବଂ ଅଣ-ତନ୍ତୁଜାତୀୟ ଜୈବିକ କପଡ଼ା ଓଜନ 50 ପ୍ରତିଶତ କିମ୍ବା ତା'ଠାରୁ ଅଧିକ ।

ନ୍ୟାୟାଧିକରଣଙ୍କ ସମ୍ମୁଖରେ କରଦାତାଙ୍କ ପକ୍ଷରୁ ବିଶେଷ ଭାବରେ ଯୁକ୍ତି ଦିଆଯାଇଥିଲା ଯେ, ଓଜନର ବୃଦ୍ଧି କରିବା ପାଇଁ, ସୂତାର ଓଜନ 50 ପ୍ରତିଶତରୁ ଅଧିକ ହେବା ଆବଶ୍ୟକ । ଏଠାରେ ଏପରି ହୋଇନଥିଲା । ଏହି ତଥ୍ୟକୁ ନେଇ ରାଜସ୍ୱ ବିଭାଗ ଦ୍ୱାରା କୌଣସି ବିବାଦ ହୋଇନଥିଲା, କିନ୍ତୁ ଏକ ଆଇନଗତ ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ, ଯଦି ଏକ କପଡ଼ା ତିନି କିମ୍ବା ଚାରି ପ୍ରକାରର ତନ୍ତୁ ନେଇ ଗଠିତ, ତେବେ ସୂତା କପଡ଼ାର ସର୍ବବୃହତ ଉପାଦାନ ଥିଲେ ତାହା ଯଥେଷ୍ଟ ହେବ । କପଡ଼ାର ପ୍ରମୁଖ ତନ୍ତୁ ସୂତା ହେବ । ତେଣୁ, କପଡ଼ାକୁ ସୂତା

କପଡ଼ା ଭାବରେ ଧରିବାକୁ ପଡ଼ିବ । ନ୍ୟାୟାଧିକରଣ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ, ଯଦି ଏହି ଯୁକ୍ତିକୁ ସମର୍ଥନ କରାଯାଏ, ତେବେ ତାହା ଅଯୌକ୍ତିକତା ଆଡ଼କୁ ନେଇଯିବ । ଯଦିଓ ଏକ କପଡ଼ା ପାଞ୍ଚଟି ଭିନ୍ନ ତନ୍ତୁରେ ଗଠିତ ହୋଇଥାଏ, ଯେଉଁଥିରୁ ସୂତା କେବଳ 22 ପ୍ରତିଶତ ଓଜନର ହୋଇଥାଏ, ତଥାପି ଏହା ମାନିବାକୁ ପଡିବ ଯେ, ସୂତା ହେଉଛି ପ୍ରମୁଖ ତନ୍ତୁ ଏବଂ କପଡ଼ା, ସୂତା କପଡ଼ା ଭାବେ ବିବେଚିତ ହେବ । ନ୍ୟାୟାଧିକରଣ ମତ ଦେଇଥିଲେ ଯେ, ଶୁଳ୍କ ଦଫା 19 ଏବଂ 22 ରେ ପ୍ରାଧାନ୍ୟ, ସମ୍ପୂର୍ଣ୍ଣ ପ୍ରାଧାନ୍ୟ ହେବା ଉଚିତ, ଅର୍ଥାତ୍, 50 ପ୍ରତିଶତରୁ ଅଧିକ ଓଜନ ସହିତ ସମାନ ହେବା ଆବଶ୍ୟକ । ବାସ୍ତବରେ ଏହି ସ୍ଥିତି ଥିବାରୁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ମାମଲାରେ ବିବାଦରେ ଥିବା କପଡ଼ା, ସୂତା କପଡ଼ା ନୁହେଁ ।

ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣରେ ଯଥେଷ୍ଟ ଶକ୍ତି ଅଛି । କିନ୍ତୁ ଏହି ବିଷୟରେ ଆମର କୌଣସି ଚୂଡ଼ାନ୍ତ ମତାମତ ପ୍ରକାଶ କରିବାର ଆବଶ୍ୟକତା ନାହିଁ । ଏହି ମାମଲାକୁ ଅନ୍ୟ ଏକ ଆଧାରରେ ପରିସମାପ୍ତ କରାଯାଇପାରିବ । ନ୍ୟାୟାଧିକରଣଙ୍କ ସମ୍ମୁଖରେ କରଦାତାଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ଏହି କପଡ଼ା ବଜାରରେ ସୂତା କପଡ଼ା ଭାବରେ ଜଣାଶୁଣା ନୁହେଁ । ଏହି ତଥ୍ୟକୁ ନେଇ ରାଜସ୍ୱ ବିଭାଗ ଦ୍ୱାରା କୌଣସି ବିବାଦ ହୋଇନଥିଲା । ଏହା ସମ୍ପୂର୍ଣ୍ଣ ସ୍ଥିରୀକୃତ ନିର୍ଣ୍ଣୟ ନୁହେଁ ଯେ, ଏକ ଉତ୍ପାଦ ଟିକସ ପ୍ରବେଶକୁ ବଜାରରେ ଯେଉଁ ଅର୍ଥରେ ବୁଝାଯାଏ ସେହି ଅର୍ଥରେ ବୁଝିବା ଆବଶ୍ୟକ, ଯଦି ଏହାର ବିପରୀତ କୌଣସି ବିଶେଷ ପରିଭାଷା ନ ଥାଏ । ଉତ୍ପାଦ ଅଧିନିୟମରେ ଏପରି କୌଣସି ପରିଭାଷା କିମ୍ବା ନିୟମ ନାହିଁ ଯାହା ଦର୍ଶାଏ ଯେ, ଯଦି କୌଣସି କପଡ଼ାରେ କେବଳ 35 ପ୍ରତିଶତ ସୂତା ଥାଏ, ତେବେ ତାହାକୁ ସୂତା କପଡ଼ା ଭାବରେ ବିବେଚନା କରିବାକୁ ପଡ଼ିବ ।

କରଦାତାଙ୍କ ପକ୍ଷରୁ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଦାବି କରାଯାଇଥିଲା ଯେ, ବିଚାରାଧୀନ କପଡ଼ା ବ୍ୟବସାୟରେ "ମାନବ ନିର୍ମିତ କପଡ଼ା" ଭାବରେ ଜଣାଶୁଣା । ଏହା ପୁଣି ରାଜସ୍ୱ ଦ୍ୱାରା ବିବାଦୀୟ ହୋଇନଥିଲା ।

ଅପିଲକାରୀଙ୍କ ପକ୍ଷରୁ, *କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରହକାରୀ ବନାମ ରାଜସ୍ଥାନ ଏସ୍ପିଜି ଏବଂ ୱିଭ୍ୟୁଭିଜି ମିଲ୍ସ ଲିମିଟେଡ୍,* [1993] Supp. 1 SCC420 ମାମଲା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ମାମଲାରେ, ବିବାଦ ତିନୋଟି ପ୍ରକାର ସୂତା ଯଥା ପଲିଷ୍ଟର, ଭିସ୍କୋଜ ଏବଂ ଏକ୍ରିଲିକ ତନ୍ତୁର ବର୍ଗୀକରଣ ସମ୍ବନ୍ଧରେ ଥିଲା । ପ୍ରଶ୍ନ ଥିଲା ଯେ, ଏପରି ମିଶ୍ରିତ ତନ୍ତୁକୁ କିପରି ବର୍ଗୀକରଣ କରାଯିବ । ଏହା ସତ୍ୟ ଆଧାରରେ ଜଣାପଡ଼ିଥିଲା ଯେ, କରଦାତାଙ୍କ ଦ୍ୱାରା ନିର୍ମିତ ତିନି ପ୍ରକାରର ତନ୍ତୁରେ, ଆକ୍ରିଲିକ୍ ତନ୍ତୁର ପ୍ରତିଶତ, 40 ପ୍ରତିଶତ ଥିଲା, ଅନ୍ୟ ଦୁଇଟି ତନ୍ତୁ ତୁଳନାରେ ଯାହା 24 ପ୍ରତିଶତ ଏବଂ 26 ପ୍ରତିଶତ କିମ୍ବା 45 ପ୍ରତିଶତ ଏବଂ 5 ପ୍ରତିଶତ ଥିଲା । ଏହା ଧୃତ ହୋଇଥିଲା ଯେ, କରଦାତାଙ୍କ ଦ୍ୱାରା ନିର୍ମିତ ମିଶ୍ରିତ ତନ୍ତୁରେ ଆକ୍ରିଲିକ୍ ତନ୍ତୁକୁ ଓଜନ ଅଧିକ ହେବା ଆବଶ୍ୟକ । ଏହାର କାରଣ ଦର୍ଶାଯାଇଥିଲା ଯେ, ଶୁଳ୍କ ସଂଖ୍ୟା 18 ର ଉପ-ଦଫା (iii) ର ବ୍ୟାଖ୍ୟା III ରୁ ଏହା ସ୍ପଷ୍ଟ ଯେ, ଯେତେବେଳେ ଏକ ମିଶ୍ରିତ ତନ୍ତୁରେ ବିଭିନ୍ନ ପ୍ରକାରର ତନ୍ତୁ ରହିଥାଏ, ଯାହା ଓଜନରେ ସମାନ ହୋଇଥାଏ, ତେବେ ଯେଉଁ ତନ୍ତୁ ଉପରେ ସର୍ବାଧିକ ଶୁଳ୍କ ଆଦାୟ ହୋଇଥାଏ, ତାହାକୁ ପ୍ରମୁଖ ବୋଲି ବିବେଚନା

କରାଯିବ । ଏହି ସ୍ପଷ୍ଟୀକରଣ ଆଧାରରେ, ଏହା ଦର୍ଶାଯାଇଥିଲା ଯେ, ଯଦିଓ ଆକ୍ରିଲିକ ତନ୍ତୁର ଅଂଶ ସୂତା ଓଜନର ମାତ୍ର 50 ପ୍ରତିଶତ ଥିଲା, ଏହି ସ୍ପଷ୍ଟୀକରଣ ଆଧାରରେ ଏହାକୁ ଅଧିକ ଓଜନ ବିଶିଷ୍ଟ ତନ୍ତୁ ଭାବେ ବିବେଚନା କରାଯିବା ଉଚିତ କାରଣ ଏହା ସର୍ବାଧିକ ପରିମାଣର ଟିକସ ଆଦାୟ କରିଥିଲା । ଏପରି ପରିସ୍ଥିତିରେ, ଆଇନଗତ କଳ୍ପନା ଦ୍ୱାରା, ଆକ୍ରିଲିକ୍ ତନ୍ତୁର ପ୍ରମୁଖ ତନ୍ତୁ ଭାବରେ ଧରାଯାଇଥିଲା ଏବଂ ସେହି ଅନୁଯାୟୀ ତନ୍ତୁକୁ ବର୍ଗୀକୃତ ହୋଇଥିଲା ।

ଏହି ନିର୍ଣ୍ଣୟରୁ ଅପିଲକାରୀ କୌଣସି ସହାୟତା ପାଇପାରିବେ ନାହିଁ । ଏହା କେବଳ ସ୍ଥାପିତ କରେ ଯେ, ମିଶ୍ରିତ ତନ୍ତୁ କ୍ଷେତ୍ରରେ ଯଦିଓ ଆକ୍ରିଲିକ୍ ତନ୍ତୁ ଓଜନରେ 50 ପ୍ରତିଶତ ଥିଲା, ତଥାପି ଶୁଳ୍କ ଦଫା ସଂଖ୍ୟା 18 ଅନ୍ତର୍ଗତ ଉପ-ଦଫା(iii) ର ବ୍ୟାଖ୍ୟା III ରେ ଥିବା ନିର୍ଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏହାକୁ ପ୍ରମୁଖ ତନ୍ତୁ ଭାବରେ ବିବେଚନା କରାଯିବ । ଆମ ସମ୍ମୁଖରେ ମାମଲା ତନ୍ତୁ ନୁହେଁ, କପଡ଼ା ସମ୍ବନ୍ଧରେ ରହିଛି । ପ୍ରତିଶତ କିମ୍ବା ଓଜନ ଦୃଷ୍ଟିରୁ, ସୂତା ପ୍ରକୃତରେ ପ୍ରମୁଖ ତନ୍ତୁ ଭାବରେ ଦେଖିବାକୁ ମିଳିନାହିଁ । ଏପରି କୌଣସି ଆଇନ ନାହିଁ ଯେ, ଏପରି ପରିସ୍ଥିତିରେ, ସୂତାକୁ ପ୍ରମୁଖ ତନ୍ତୁ ଭାବରେ ବିବେଚନା କରାଯିବା ଆବଶ୍ୟକ ଏବଂ କପଡ଼ାକୁ ସୂତା କପଡ଼ା ଭାବରେ ବିବେଚନା କରାଯିବା ଆବଶ୍ୟକ ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଏବଂ ମାମଲାର ତଥ୍ୟକୁ ମଧ୍ୟ ଧ୍ୟାନରେ ରଖି, ଏହି ଅପିଲ ନିଶ୍ଚିତ ଭାବରେ ବିଫଳ ହେବ ଏବଂ ଏତଦ୍ୱାରା ଖାରଜ କରାଯାଉଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନାହିଁ ।

ଏସ୍.ଏମ୍. ଅପିଲକୁ ଖାରଜ କରଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**